# NATIONAL NEWS BULLETIN (ODIA)
## 5 August - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଫିଲିପାଇନ୍ସ ଓ ଭାରତ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୯ଟି ବୁଝାମଣାପତ୍ର ସ୍ୱାକ୍ଷରିତ

- ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଜାରି ରହିବାରୁ ସଂସଦର ଉଭୟ ସଦନ ଦିନକ ପାଇଁ ମୁଲତବୀ

– ମଣିପୁରରେ ରାଷ୍ଟ୍ରପତି ଶାସନ ଆଉ ୬ ମାସ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବ ସଂସଦରେ ଅନୁମୋଦିତ

- ନୂଆଦିଲ୍ଲୀର କର୍ତ୍ତବ୍ୟପଥଠାରେ ନିର୍ମିତ କର୍ତ୍ତବ୍ୟ ଭବନକୁ ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ଉତ୍ତରାଖଣ୍ଡରେ ଖୀର୍ ଗଙ୍ଗାନଦୀର ଉପରମୁଣ୍ଡରେ ପ୍ରବଳବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି

ଏବଂ

- ଆଧୁନିକ ଓ ଦକ୍ଷ ଗଣମାଧ୍ୟମ ଏବଂ ମନୋରଞ୍ଜନ ଇକୋସିଷ୍ଟମ ଗଠନରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଭୂମିକା ଗୁରୁତ୍ୱପୂର୍ଣ୍ଣ; କହିଲେ ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ

# ଇଣ୍ଡିଆ- ଫିଲିପିନ୍ସ ଏମ୍‌ଓୟୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡ଼ିନାଣ୍ଡ ରୋମୁଆଲଡେଜ୍ ମାର୍କୋସ ଜୁନିୟରଙ୍କ ଉପସ୍ଥିତିରେ ଆଜି ଭାରତ ଓ ଫିଲିପାଇନ୍ସ ମଧ୍ୟରେ ୯ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସେଗୁଡ଼ିକ ମଧ୍ୟରେ ରଣନୈତିକ ସହଭାଗିତା, ଅପରାଧିକ ମାମଲାରେ ପାରସ୍ପରିକ ଆଇନଗତ ସହାୟତା ଚୁକ୍ତି, ପ୍ରତିରକ୍ଷା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଇତ୍ୟାଦି କ୍ଷେତ୍ର ରହିଛି। ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବଂ ଫିଲିପାଇନ୍ସ ସେମାନଙ୍କର କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ପାଳନ କରୁଥିବାରୁ ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ଗସ୍ତର ବିଶେଷ ଗୁରୁତ୍ୱ ରହିଛି। ସେ କହିଛନ୍ତି, ଦୁଇଦେଶ ମଧ୍ୟରେ ସମ୍ପର୍କ ବହୁ ପ୍ରାଚୀନ। ପହେଲଗାମ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ଏବଂ ଆତଙ୍କବାଦ ବିରୁଦ୍ଧରେ ଭାରତକୁ ସମର୍ଥନ କରିଥିବାରୁ ସେ ଫିଲିପିନ୍ସ ସରକାର ଏବଂ ରାଷ୍ଟ୍ରପତିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି।

**V/O- PM-MODI---TERROR**

ଶ୍ରୀ ମୋଦୀ କହିଛନ୍ତି, ବିକାଶ ସହଭାଗିତା ଅଧୀନରେ ଭାରତ’ ଫିଲିପିନ୍ସରେ କୁଇକ୍ ଇମ୍ପାକ୍ଟ ପ୍ରୋଜେକ୍ଟ ସଂଖ୍ୟା ବୃଦ୍ଧି କରିବ। ସେ କହିଛନ୍ତି, ଭାରତ’ ଫିଲିପାଇନ୍ସରେ ସାର୍ବଭୌମ୍ୟ ଡାଟା କ୍ଲାଉଡ୍ ଭିତ୍ତିଭୂମି ବିକାଶରେ ମଧ୍ୟ ସହଯୋଗ କରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ନିରନ୍ତର ବୃଦ୍ଧି ପାଇବା ସହ ତିନି ବିଲିୟନ ଡଲାର ଅତିକ୍ରମ କରିଛି। ସେ କହିଛନ୍ତି, ଭାରତ’ ଆସିଆନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ସମୀକ୍ଷା ଶୀଘ୍ର ସମାପ୍ତ କରିବା ଉଭୟ ଦେଶ ପାଇଁ ପ୍ରାଥମିକତା ହେବ।

**V/O- PM-MODI--STRATEGIC-PARTNERSHIP**

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଜୁନିୟର ଆତିଥ୍ୟ ପାଇଁ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଭାରତ ଏବଂ ଫିଲିପାଇନ୍ସ ଉଭୟ ପ୍ରତିରକ୍ଷା ଏବଂ ସୁରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଛନ୍ତି ବୋଲି ସେ କହିଛନ୍ତି। ସେ ଭାରତର ସ୍ୱଦେଶୀ ପ୍ରତିରକ୍ଷା ଶିଳ୍ପ ଦ୍ୱାରା ସହଭାଗିତାରେ ଚାଲିଥିବା ଫିଲିପାଇନ୍ସ ପ୍ରତିରକ୍ଷା ଆଧୁନିକୀକରଣର ପ୍ରଗତି ଉପରେ ମଧ୍ୟ ସନ୍ତୋଷ ବ୍ୟକ୍ତ କରିଛନ୍ତି।

# ପାର୍ଲାମେଣ୍ଟ ଆଡଜର୍ଣ୍ଣଡ୍

ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଜାରି ରହିବାରୁ ଆଜି ସଂସଦର

ଉଭୟ ଗୃହର କାର୍ଯ୍ୟଧାରା ପ୍ରଭାବିତ ହୋଇଥିଲା । ବିରୋଧୀ ଦଳଗୁଡ଼ିକ ଅନ୍ୟାନ୍ୟ ପ୍ରସଙ୍ଗ ସହ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ । ଲୋକସଭା ଏବଂ ରାଜ୍ୟସଭାରେ ଗୋଟିଏ ମୁଲତବୀ ପରେ ଶେଷରେ ଦିନକ ପାଇଁ ମୁଲତବୀ ରଖାଯାଇଥିଲା । ଅପରାହ୍ନ ଦୁଇଟାରେ ପ୍ରଥମ ମୁଲତବୀ ପରେ ଲୋକସଭାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳଗୁଡ଼ିକ ସ୍ଲୋଗାନ ଦେବା ଆରମ୍ଭ କରି ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ ।  ସରକାର ପ୍ରତ୍ୟେକ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ଗୃହରେ ଅଧ୍ୟକ୍ଷତା କରୁଥିବା ବିଜେପି ସାଂସଦ ଜଗଦମ୍ବିକା ପାଲ କହିବା ସତ୍ତ୍ୱେ ମଧ୍ୟ ହଟ୍ଟଗୋଳ ଜାରି ରହିଥିଲା । ହଟ୍ଟଗୋଳ ମଧ୍ୟରେ ଆଜି ଲୋକସଭାରେ ଗୋଆ ରାଜ୍ୟର ବିଧାନସଭା କ୍ଷେତ୍ରରେ ଅନୁସୂଚିତ ଜନଜାତିଙ୍କ ପ୍ରତିନିଧିତ୍ୱର ପୁନଃ ସଂଚାଳନ ବିଲ୍-୨୦୨୪ ପାସ୍ ହୋଇଥିଲା । ପରେ ହଟ୍ଟଗୋଳି ଜାରି ରହିବାରୁ ଅଧ୍ୟକ୍ଷା ଗୃହକୁ ଦିନକ ପାଇଁ ମୁଲତବୀ ରଖିଥିଲେ ।

ରାଜ୍ୟସଭାରେ ମଧ୍ୟ ସମାନ ଦୃଶ୍ୟ ପରିଲକ୍ଷିତ ହୋଇଥିଲା । ଅପରାହ୍ନ ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ହଟ୍ଟଗୋଳ ଆରମ୍ଭ ହୋଇଥିଲା । ଉପାଧ୍ୟକ୍ଷ

ହରିବଂଶ କହିଥିଲେ, ସାଂସଦମାନେ ସଂସଦୀୟ ମାନଦଣ୍ଡ ଏବଂ ନିୟମକୁ ପାଳନ କରିବା ଉଚିତ। ହଟ୍ଟଗୋଳ ଜାରି ରହିଲେ ମୌସୁମୀ ଅଧିବେଶନରେ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ସେ ଚିନ୍ତା ପ୍ରକଟ କରିଥିଲେ। ହଟ୍ଟଗୋଳ ମଧ୍ୟରେ ଆଜି ରାଜ୍ୟସଭାରେ ୧୩ ଅଗଷ୍ଟ ୨୦୨୫ରୁ ମଣିପୁରରେ ରାଷ୍ଟ୍ରପତି ଶାସନକୁ ଆହୁରି ୬ ମାସ ବୃଦ୍ଧି କରିବା ସଂକ୍ରାନ୍ତ ସାମ୍ବିଧାନିକ ପ୍ରସ୍ତାବକୁ ବାଚନିକ ଭୋଟ୍ ଜରିଆରେ ଅନୁମୋଦନ କରାଯାଇଥିଲା। ଗୃହରେ କୋଳାହଳ ଜାରି ରହିବାରୁ ଅଧ୍ୟକ୍ଷ ଗୃହକୁ ଦିନକ ପାଇଁ ମୁଲତବୀ ରଖିଥିଲେ।

# ଆର୍‌ଏସ୍–ମଣିପୁର

ମଣିପୁରରେ ରାଷ୍ଟ୍ରପତି ଶାସନକୁ ୧୩ ଅଗଷ୍ଟ ୨୦୨୫ଠାରୁ ଆହୁରି ୬ ମାସ ପାଇଁ ବୃଦ୍ଧି କରିବା ସଂକ୍ରାନ୍ତ ପ୍ରସ୍ତାବକୁ ସଂସଦ ଅନୁମୋଦନ କରିଛି। ରାଜ୍ୟସଭାରେ ଏହି ପ୍ରସ୍ତାବ ଆଜି ବାଚନିକ ଭୋଟରେ ଗୃହୀତ ହୋଇଛି। ଗତ ସପ୍ତାହରେ ଏହି ପ୍ରସ୍ତାବ ଲୋକସଭାରେ ଅନୁମୋଦନ ଲାଭ କରିଥିଲା। ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ୧୩ ଫେବୃଆରୀ ୨୦୨୫ରେ ମଣିପୁରରେ ଲାଗୁ ହୋଇଥିବା ରାଷ୍ଟ୍ରପତି ଶାସନକୁ ବୃଦ୍ଧି କରିବା ସଂକ୍ରାନ୍ତ ପ୍ରସ୍ତାବ ଗୃହରେ ଆଗତ କରିଥିଲେ। ପ୍ରସ୍ତାବ ଉପରେ ଆଲୋଚନାର ଉତ୍ତର ଦେଇ ଶ୍ରୀ ରାୟ କହିଛନ୍ତି, ରାଷ୍ଟ୍ରପତି ଶାସନ ଲାଗୁ ହେବା ପରଠାରୁ ମଣିପୁରରେ କେବଳ ଗୋଟିଏ ହିଂସାକାଣ୍ଡ ଘଟଣା ଘଟିବା ସହ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେ କହିଛନ୍ତି, ରାଜ୍ୟରେ

ଗତ ୪ ମାସ ମଧ୍ୟରେ ଜଣେ ବି ବ୍ୟକ୍ତି ପ୍ରାଣ ହରାଇନାହାଁନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଉତ୍ତର-ପୂର୍ବ ରାଜ୍ୟର ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ରାୟ କହିଛନ୍ତି।

## ପୂର୍ବତନ ରାଜ୍ୟପାଳଙ୍କ ପରଲୋକ

ଜାମ୍ମୁ-କାଶ୍ମୀର୍'ର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କର ଆଜି ଅଣାଅସୀ ବର୍ଷ ବୟସରେ ଦିଲ୍ଲୀରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସେ ଜାମ୍ମୁ-କାଶ୍ମୀର ବ୍ୟତୀତ ଗୋଆ, ବିହାର ଏବଂ ମେଘାଳୟର ରାଜ୍ୟପାଳ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ୨୦୧୮ ମସିହାରେ ତାଙ୍କୁ କିଛି ମାସ ପାଇଁ ଓଡ଼ିଶାର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

## ପ୍ରେଜ୍ ମଲ୍ଲିକ ଡେଥ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ତାଙ୍କ ପରିବାର ଓ ଅନୁଗାମୀମାନଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

## ପିଏମ୍ ମଲ୍ଲିକ ଡେଥ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ଯ ସତ୍ୟପାଲ ମଲ୍ଲିକଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପରିବାର ଏବଂ ସମର୍ଥକଙ୍କମାନଙ୍କ ପ୍ରତି ତାଙ୍କର ସମବେଦନା ଜ୍ଞାପନ କରିଛନ୍ତି।

# ପିଏମ୍-କର୍ତ୍ତବ୍ୟ ଭବନ

ନୂଆଦିଲ୍ଲୀର କର୍ତ୍ତବ୍ୟପଥ ଠାରେ ନିର୍ମିତ କର୍ତ୍ତବ୍ୟ ଭବନକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ । ଏହି ଅବସରରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । କେନ୍ଦ୍ରୀୟ ପ୍ରଶାସନିକ ସେବା ପ୍ରକ୍ରିୟାକୁ ଅଧିକ ସୁଗମ କରିବା ଲକ୍ଷ୍ୟ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପର କର୍ତ୍ତବ୍ୟ ଭବନ ହେଉଛି ଏକ ଅଂଶ । ସାଧାରଣ କେନ୍ଦ୍ରୀୟ ସଚିବାଳୟ ଅଟ୍ଟାଳିକା ମଧ୍ୟରୁ ଏହା ପ୍ରଥମ ହେବ ।

କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ୍ ଖଟ୍ଟର କହିଛନ୍ତି, ଦିଲ୍ଲୀର ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ସହ ସମନ୍ୱୟ ରକ୍ଷା କରି ଦକ୍ଷତା, ନବସୃଜନ ଏବଂ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ କର୍ତ୍ତବ୍ୟ ଭବନ ପ୍ରସ୍ତୁତ କରାଯାଇଛି ।  ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ପ୍ରାୟ ଦେଢ଼ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ନିର୍ମିତ ଏହି ଅତ୍ୟାଧୁନିକ କାର୍ଯ୍ୟାଳୟରେ ଦୁଇଟି ବେସ୍‌ମେଣ୍ଟ ଏବଂ ୭ଟି ମହଲା

ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଆଧୁନିକ, ଦକ୍ଷ ଏବଂ ନାଗରିକ କୈନ୍ଦ୍ରୀକ ଶାସନ ଦୃଷ୍ଟିକୋଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ।

## ଉତ୍ତରାଖଣ୍ଡ କ୍ଲାଉଡ୍‌ବ୍ରଷ୍ଟ

ଉତ୍ତରାଖଣ୍ଡରେ ଖୀର୍ ଗଙ୍ଗା ନଦୀର ଉପରମୁଣ୍ଡରେ ବାଦଲ ଫଟା ବର୍ଷା ଯୋଗୁଁ ଅଚାନକ ଭୟଙ୍କର ବନ୍ୟା ଆସି ଉତ୍ତରକାଶୀ ଜିଲ୍ଲାର ଧରାଳି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବାଦଲଫଟା ବର୍ଷାପରେ ଖୀର୍ ଗଙ୍ଗାନଦୀରେ ଜଳସ୍ତର ହଠାତ୍ ବୃଦ୍ଧି ପାଇଥିଲା। ଫଳରେ ଅନେକ କ୍ଷୟକ୍ଷତି ହୋଇଥିଲା। ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଧରାଳୀ ବଜାର ଅଞ୍ଚଳରେ ଅନେକ କୋଠା, ହୋଟେଲ ଏବଂ ଦୋକାନଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ସେନା, ଏସ୍‌ଡିଆରଏଫ୍, ଏନ୍‌ଡିଆର୍‌ଏଫ୍, ଜିଲ୍ଲା ପ୍ରଶାସନ ଏବଂ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ସହାୟତାରେ ରିଲିଫ ଏବଂ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ବରିଷ୍ଠ ଅଧିକାରୀଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି। ସେ କହିଛନ୍ତି, ପ୍ରାଥମିକତା ଭିତ୍ତିରେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଏବଂ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି। ପ୍ରଭାବିତ ନାଗରିକମାନଙ୍କୁ ସମସ୍ତ

ପ୍ରକାର ସହାୟତା ପ୍ରଦାନ କରାଯାଉଛି। ଧରାଲୀରେ ହୋଇଥିବା ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଉତ୍ତରକାଶୀ ଜିଲ୍ଲା ପ୍ରଶାସନ ପକ୍ଷରୁ ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି।

ଉତ୍ତରକାଶୀର ଧରାଲୀରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ କଥା ହୋଇଛନ୍ତି ଏବଂ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଉଦ୍ଧାରକାରୀ ଦଳଗୁଡ଼ିକ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପ୍ରଭାବିତ ଲୋକଙ୍କ ପ୍ରତି ସମବେଦନା ପ୍ରକାଶ କରି ପ୍ରଧାନମନ୍ତ୍ରୀ ସେମାନଙ୍କର ସୁସ୍ଥତା କାମନା କରିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ ପରିସ୍ଥିତି ବିଷୟରେ କଥା ହେବା ସହ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ କହିଛନ୍ତି, ଧରାଲୀ ନିକଟସ୍ଥ ତିନୋଟି ଇଣ୍ଡୋ-ତିବ୍ବତୀୟ ସୀମା ପୁଲିସ ଦଳ ଏବଂ ଚାରୋଟି ଜାତୀୟ ବିପର୍ଯ୍ୟୟ ପ୍ରତିରକ୍ଷା ବାହିନୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି ଏବଂ ସେହି ଦଳଗୁଡ଼ିକ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ।

## ଝାଡ଼ଖଣ୍ଡ- ଶିବୁ ସୋରେନ ଲାଷ୍ଟ ରାଇଟ୍ସ

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟସଭା ସାଂସଦ ଶିବୁ ସୋରେନଙ୍କ ଶେଷକୃତ୍ୟ ଆଜି ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାର ନେମରାସ୍ଥିତ ତାଙ୍କ ଗ୍ରାମରେ ସମ୍ପନ୍ନ ହୋଇଛି । ତାଙ୍କ ସାନପୁଅ ତଥା ଦୁମ୍କା ବିଧାୟକ ବସନ୍ତ ସୋରେନ ଶେଷକୃତ୍ୟ କରିଥିଲେ । ତାଙ୍କ ପୁଅ ତଥା ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ'ଙ୍କ ସମେତ ବହୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଅନେକ ରାଜନୈତିକ ନେତା ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ ।

# ମୁରୁଗନ୍- କନଫରେନ୍ସ

ସୂଚନା ଓ ଏବଂ ପ୍ରସାରଣ  ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗାନ କହିଛନ୍ତି, ଏକ ଆଧୁନିକ ଅନ୍ତର୍ଭୁକ୍ତ ଓ ଦକ୍ଷ ଗଣମାଧମ ଏବଂ ମନୋରଞ୍ଜନ ଇକୋସିଷ୍ଟମ ଗଠନରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବଡ଼ ଭୂମିକା ରହିଛି । ନୂଆଦିଲ୍ଲୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସୂଚନା ଏବଂ ଲୋକସମ୍ପର୍କ ସଚିବମାନଙ୍କ ଜାତୀୟ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଏହା କହିଛନ୍ତି । ଡକ୍ଟର ମୁରୁଗାନ କହିଛନ୍ତି, ସରକାର ମନୋରଞ୍ଜନ କ୍ଷେତ୍ରକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି ଏବଂ ଏହି କ୍ଷେତ୍ରର ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ।

କାର୍ଯ୍ୟକ୍ରମରେ ସୂଚନା ଏବଂ ପ୍ରସାରଣ ସଚିବ ସଞ୍ଜୟ ଯାଜୁ କହିଛନ୍ତି, ଭାରତରେ ସମ୍ପ୍ରତି ବିଷୟବସ୍ତୁ ସୃଷ୍ଟି କ୍ଷେତ୍ରରେ  ଦ୍ରୁତ ଅଭିବୃଦ୍ଧି ପରିଲକ୍ଷିତ

ହୋଇଛି। ସେ କହିଛନ୍ତି, ଆଞ୍ଚଳିକ ଏବଂ ସ୍ଥାନୀୟ ଗଣମାଧ୍ୟମଗୁଡ଼ିକୁ ପ୍ରସାରଣ ସୁଯୋଗ ମିଳିଥିବା ବେଳେ ସାଧାରଣ ଯୋଗାଯୋଗ ପାଇଁ ନୂତନ ଆହ୍ୱାନ ସୃଷ୍ଟି ହୋଇଛି। ସୂଚନା ଓ ଲୋକସମ୍ପର୍କ ସଚିବମାନଙ୍କ ସମ୍ମିଳନୀକୁ  ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବାର ପ୍ରକୃଷ୍ଟ ମଞ୍ଚ ବୋଲି କହିବା ସହ ଏହା ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଗୋଷ୍ଠୀ ସମ୍ପର୍କ ଗଠନ କ୍ଷେତ୍ରରେ ସହାୟକ ହୋଇପାରିବ ବୋଲି ଶ୍ରୀ ଯାଜୁ କହିଛନ୍ତି।